# ଗୁରୁଣାଂ ଗୁରୁ ନୃସିଂହ ଗୁରୁ

ପ୍ରଫେସର ମୀନକେତନ ପୁରୋହିତ

ଗୁରୁଣାଂ ଗୁରୁ ନୃସିଂହ ଗୁରୁ ମୋର ପରମ ଗୁରୁ, ଏହି ସ୍ୱଗତୋକ୍ତି ପାଠ କରି ପାଠକ ମାନେ ସନ୍ଦେହର ଆବର୍ତ୍ତରେ ଉବୁଡୁବୁ ହୋଇଯିବେ ବୋଲି ସନ୍ଦେହ ହେଉଛି । ନୃସିଂହ ଗୁରୁ ତ ଶିକ୍ଷକ ନ ଥିଲେ । କିପରି ମୋର ଶିକ୍ଷାଗୁରୁ ହେଲେ ? ସେତ କାହାକୁ ମନ୍ତ୍ର ଦୀକ୍ଷା ଦେଉ ନ ଥିଲେ । କିପରି ମୋର ଦୀକ୍ଷାଗୁରୁ ହେଲେ ? ତେବେ ଏ ଉକ୍ତି କଣ ମିଥ୍ୟା ? ଏହି ଉକ୍ତି ଉପରେ ଏକ ସ୍ପଷ୍ଟୀକରଣ ଦେଉଛି । ଉକ୍ତିର ସତ୍ୟତା ପ୍ରତିପାଦିତ ହୋଇଯିବ । ସ୍ପଷ୍ଟୀକରଣ ଦେବା ପୁର୍ବରୁ ରଘୁରାଜନ ଓ ଅବଧୁତ ଚବିଶ ଗୁରୁ ପ୍ରସଙ୍ଗ ପ୍ରତି ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରୁଛି । ଅବଧୂତଙ୍କୁ ସେମାନେ କୌଣସି ତପୋବନରେ କି ଗୁରୁକୁଳ ଆଶ୍ରମରେ ବୃକ୍ଷମୂଳରେ ବସାଇ ଶିକ୍ଷା ଦେଇ ନ ଥିଲେ । ଅବଧୂତ ନିଜେ ସେମାନଙ୍କ ଜୀବନାଦର୍ଶରୁ ଶିକ୍ଷା ଗ୍ରହଣ କରିଥିଲେ । ଏକଲବ୍ୟ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କୁ ନିଜ ହୃଦୟ ମନ୍ଦିରରେ ଗୁରୁଙ୍କ ଆସନରେ ବସାଇ ଶିକ୍ଷା ଗ୍ରହଣ କରିଥିଲେ । ମୁଁ ସେହିପରି ନୃସିଂହ ଗୁରୁଙ୍କ ଜୀବନାଦର୍ଶରୁ ଶିକ୍ଷା ଗ୍ରହଣ କରି ଗୁରୁଙ୍କ ସମ୍ମାନ ଅର୍ପଣ କରୁଛି । ମାତ୍ର ତାଙ୍କୁ ମୋର ପରମ ଗୁରୁ ବୋଲି କହିଲେ ଯେ ଏହା ଭୁଲ ହୋଇଗଲା କି ? ଏହି ବିଷୟରେ ସ୍ପଷ୍ଟୀକରଣ ଦେବାକୁ ଯାଇ ଗୋଟିଏ କାହାଣୀ ଲେଖୁଛି । ଅର୍ଦ୍ଧଶତାବ୍ଦୀ ପୁର୍ବର ଏକ ଅଭୁଲା କାହାଣୀ । ପ୍ରକୃତରେ ଏହା କାହାଣୀ ନୁହେଁ, ଗୋଟିଏ ପ୍ରକୃତ ଘଟଣା । ତଥାପି ଏହାକୁ କାହାଣୀ ଆଖ୍ୟା ଦେଉଛି । ସେକାଳର ଘଟଣା ଏକାଳର ପାଠକ ମାନଙ୍କୁ କାହାଣୀ ପରି ଲାଗିବା ସ୍ୱାଭାବିକ । ତେଣୁ ଏହା ଏକ ସତ୍ୟ ଘଟଣା ହେଲେବି ଏଥିରେ କାଳ୍ପନିକ କାହାଣୀର ପ୍ରଲେପ ଦେଇ ପାଠକମାନଙ୍କ ମନୋରଞ୍ଜନ ଓ ପ୍ରାଣସ୍ପନ୍ଦନ ପାଇଁ ରସାଣିତ କରୁଛି ।

୧୯୫୧ ଖ୍ରୀଷ୍ଟାବ୍ଦର ଏକ ବାସନ୍ତି ସକାଳ । ମାସ ଓ ଦିନ ମନେପଡ଼ୁ ନାହିଁ । ମନ୍ଦମନ୍ଦ ମଳୟ ବହୁଥିଲା କିନା, ଆମ୍ରକୁଞ୍ଜରେ କୋଇଲିର କୁହୁକୁହୁ ତାନ ଶୁଭୁ ଥିଲା କିନା, ମନେ ହେଉ ନାହିଁ । ସେ ବର୍ଷ ମୁଁ ଗଙ୍ଗାଧର ମେହେର କଲେଜର ତୃତୀୟ ବାର୍ଷିକ (ଇଂରାଜୀ ସମ୍ମାନ) କଳା ଶ୍ରେଣୀର ଛାତ୍ର ଥିଲି । ବର୍ଷର ପ୍ରଥମାର୍ଦ୍ଧରେ ଛାତ୍ରସଂସଦର ଉପ-ସଭାପତି ରୂପେ ନର୍ବାଚିତ ହୋଇଥିଲି । ବର୍ଷର ଶେଷାର୍ଦ୍ଧରେ ସମ୍ବିଧାନର ନିୟମ ଅନୁସାରେ ସଭାପତି ପଦକୁ ଉନ୍ନୀତ ହୋଇଥିଲି । ମୋର ପୂଜ୍ୟଗୁରୁ ମାୟାଧର ମାନସିଂ ମୋ ହାତକୁ କେତେଖଣ୍ଡ ନିମନ୍ତ୍ରଣ ପତ୍ର ବଢ଼ାଇ ଦେଇ ସୁଧାଭରା ସ୍ୱରରେ କହିଲେ "ମୀନକେତନ, ତୁମେ ଜଣେ ଦାୟିତ୍ୱ ସମ୍ପନ୍ନ ଛାତ୍ର । ଏ ନିମନ୍ତ୍ରଣ ପତ୍ର ଗୁଡ଼ିକ ନିଅ । ନିଜେ ଯାଇ ପୂଜ୍ୟ ଅତିଥି ମାନଙ୍କୁ ଦେବ । ପାଦସ୍ପର୍ଶକରି ପ୍ରଣାମ କରିବ । କବିସମ୍ମିଳନୀରେ ଯୋଗ ଦେବାପାଇଁ କହିବ । ଦେଖ ଏ ସମ୍ମିଳନୀ ଯେପରି ସର୍ବତୋଭାବେ ସାଫଲ୍ୟମଣ୍ଡିତ ହୁଏ ସେଥିପାଇଁ ଚେଷ୍ଟା କରିବ ।" ସେ ଅତିଥିମାନେ ହେଲେ ପ୍ରହଲ୍ଲାଦ ରାୟ ଲାଠ, ଡ଼ା. ଜନାର୍ଦ୍ଦନ ପୂଜାରୀ, ବୋଧରାମ ଦୁବେ, ଡ଼ା. ପର୍ଶୁରାମ ମିଶ୍ର, ପ୍ରଫେସର ଘନଶ୍ୟାମ ଦାଶ, ବ୍ରଜମୋହନ ପଣ୍ଡା, ମାନଭଞ୍ଜନ ବହିଦାର, ଭାରତ ଚନ୍ଦ୍ର ନାୟକ, ଅଚ୍ୟୁତାନନ୍ଦ ପୁରୋହିତ, ଗୌରହରି ମିଶ୍ର, ଶଶିଭୂଷଣ ଶତପଥୀ, ବୀରେନ ସରକାର, ଲକ୍ଷ୍ମୀନାରାୟଣ ମିଶ୍ର, ଶ୍ରଦ୍ଧାକର ସୁପକାର, ବନମାଳୀ ବାବୁ, ସତ୍ୟନାରାୟଣ ବହିଦାର, ରତ୍ନାକର ବେହେରା, ବିଶ୍ୱକ୍‌ସେନ ବହିଦାର ଓ ନୃସିଂହ ଗୁରୁ ଆଦି ସେକାଳର ସମାଜର ସୁଦୃଢ଼ସ୍ତମ୍ଭରୂପ ମାନ୍ୟଗଣ୍ୟ ବ୍ୟକ୍ତିଗଣ । ଶେଷ ନାମଟି ଉପରେ ବିଶେଷ ଗୁରୁତ୍ୱ ଦେଇ ଗୁରୁଦେବ କହିଲେ, "ଦେଖ, ନୃସିଂହ ଗୁରୁ ଗୁରୁଣା ଗୁରୁ । ସେ ମୋର ସମସାମୟିକ ଓ ସମବୟସ୍କ ହେଲେ ମଧ ମୋର ଗୁରୁତୁଲ୍ୟ । ୧୯୨୧ ସାଲରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ କ୍ରମେ ସ୍କୁଲ ବର୍ଜନ କଲେ, ସତ୍ୟାଗ୍ରହରେ ଯୋଗ ଦେଲେ, କାରାବରଣ କଲେ । ଅନ୍ୟ ଛାତ୍ରମାନେ ସ୍କୁଲକୁ ଫେରିଲେ । ମାତ୍ର ସେ ଫେରିଲେ ନାହିଁ । ଫ୍ରେଜର କ୍ଲବରେ ସ୍ୱଦେଶୀ ବିଦ୍ୟାଳୟ ସ୍ଥାପିତ ହେଲା । ପଣ୍ଡିତ ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର ସେହି ସ୍କୁଲରେ ଶିକ୍ଷକତା କଲେ, ନୃସିଂହ ଗୁରୁ ଓ ଅନ୍ୟ କେତେ ସ୍ୱାଧୀନ ଚେତା ଛାତ୍ର ସେହି ସ୍କୁଲରେ ଅଧ୍ୟୟନ କଲେ । ମାତ୍ର ତାହା ଅକାଳ ମୃତ୍ୟୁବରଣ କଲା । ଫଳରେ ନୃସିଂହ ଗୁରୁ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଲେ । କୌଣସି ଶିକ୍ଷାନୁଷ୍ଠାନରେ ସିନା ଶିକ୍ଷା କଲେ ନାହିଁ, ଜୀବନ ବିଦ୍ୟାଳୟରୁ ଜ୍ଞାନ ଆହରଣ କଲେ । ଗାନ୍ଧୀ, ଗୋପବନ୍ଧୁ, ବିନୋବାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ । ସତ୍ୟ ଅହିଂସାର ମନ୍ତ୍ରରେ ଦୀକ୍ଷିତ ହେଲେ । ତ୍ୟାଗ ଓ ସେବାକୁ ଜୀବନର ଆଦର୍ଶ ରୂପେ ଗ୍ରହଣ କଲେ । ସେହି ଆଦର୍ଶରେ ବଞ୍ଚିଲେ । ଅର୍ଥ ଲାଳସା, କ୍ଷମତାଲିପ୍ସା, ଭୋଗପିପାସାର ଉର୍ଦ୍ଧ୍ୱକୁ ଉଠିଯାଇ ଜୀବନକୁ ସାଧନାର ଏକ ଅଧ୍ୟାତ୍ମଯଜ୍ଞରେ ପରିଣତ କରିଦେଲେ, କେତେ ସରଳ, ନିଷ୍ପାପ, ନିଷ୍କଳଙ୍କ ଓ ନିରାଡମ୍ବର ଜୀବନ ଯାପନ କରୁଛନ୍ତି । ସତ୍ୟବାଦୀର ବକୁଳବନର ପଞ୍ଚସଖା ତାଙ୍କର ଗୁରୁ; ରାଧାନାଥ, କୃତାର୍ଥ ତାଙ୍କର ବନ୍ଧୁ । ନୃସିଂହ ଗୁରୁ ଏ ଯୁଗର ଜଣେ ଆଦର୍ଶ ମଣିଷ; ଦେବତା ନ ହେଲେବି ମଣିଷ ପରି ମଣିଷ । ସାଧାରଣ ଥାଇ ମଧ ଅସାଧାରଣ । ତେଣୁ ସେ ମୋର ବନ୍ଧୁ ହୋଇ ମଧ ମୋର ଗୁରୁ । ତାଙ୍କୁ ସସମ୍ମାନରେ ନିମନ୍ତ୍ରଣ କରି ସଭାକୁ ଆଣିବ । ତାଙ୍କର ଲେଖନୀ ନିସୃତ ବିବରଣୀଟିଏ ଦୈନିକ ସମାଜରେ ପ୍ରକାଶିତ ହୋଇଗଲେ ଆମ ଶିକ୍ଷାନୁଷ୍ଠାନର ସୁନାମ ବୃଦ୍ଧି ପାଇବ ।" ଗୁରୁଙ୍କୁ ପ୍ରଣିପାତ କରି ତାଙ୍କ ଆଜ୍ଞା ପାଳନ କରିବା ପାଇଁ ମୁଁ କାର୍ଯ୍ୟାଳୟରୁ ବାହାରି ଆସିଲି । ବର୍ତ୍ତମାନ କହନ୍ତୁ, ମୋ ଉକ୍ତିର ସତ୍ୟତା ପ୍ରତିପାଦିତ ହେଲା କି ନାହିଁ ? ନୃସିଂହ ଗୁରୁ ଗୁରୁଣାଂ ଗୁରୁ, ମୋର ଗୁରୁଙ୍କ ଗୁରୁ , ତେଣୁ ମୋର ପରମଗୁରୁ ।